1954
---
ମାର୍ଚ୍ଚ 10.

ୟୁସୁଫ୍ ଅବଦୁଲ ଅଜିଜ୍

*ବନାମ*

ବମ୍ବେ ରାଜ୍ୟ ଏବଂ

ହୁସେନଭୋୟ ଲାଲଜୀ

[ମୁଖ୍ୟ ନ୍ୟାୟାଧୀଶ ମେହେର ଚାନ୍ଦ ମହାଜନ, ମୁଖାର୍ଜିଆ,

ଏସ୍. ଆର୍. ଦାସ, ଭିଭିଆନ୍ ବୋଷ ଏବଂ ଗୁଲାମ୍ ହାସନ୍, ନ୍ୟାୟାଧୀଶବୃନ୍ଦ ]

*ଭାରତର ସମ୍ବିଧାନର ଅନୁଚ୍ଛେଦ- 14 ଏବଂ 15 ଭାରତୀୟ ଦଣ୍ଡ ସଂହିତାର ଧାରା - 497 (1860ର ଅଧିନିୟମ XLV)-ସମ୍ବିଧାନକୁ କ୍ଷମତାତୀତ କରେ କି?*

ନିର୍ଣ୍ଣୟ ନିଆଗଲା ଯେ, ଭାରତୀୟ ଦଣ୍ଡ ସଂହିତାର ଧାରା- 497,ସମ୍ବିଧାନର ଅନୁଚ୍ଛେଦ - 14 ଏବଂ 15 କୁ କ୍ଷୁର୍ଣ୍ଣ କରେ ନାହିଁ ।

ଅପରାଧିକ ଆବେଦନ ଅଧିକାରିତା : ମାମଲା ସଂଖ୍ୟା 349/1951 ।

ଅପରାଧିକ ଆବେଦନ ସଂଖ୍ୟା 345/1951ରେ ଭାରତ ସମ୍ବିଧାନର ଅନୁଚ୍ଛେଦ 132(1) ଅନୁଯାୟୀ ବମ୍ବେଠାରେ (ମୁଖ୍ୟ ନ୍ୟାୟାଧୀଶ ଚଗଲା ଓ ନ୍ୟାୟାଧୀଶ ଗଜେନ୍ଦ୍ରଗଡକର୍) ସ୍ଥିତ ଉଚ୍ଚ ନ୍ୟାୟାଳୟରେ 1951 ମସିହା ଜୁନ୍ 26 ତାରିଖରେ ହୋଇଥିବା ରାୟ ଏବଂ ଆଦେଶରୁ ବର୍ତ୍ତମାନର ଏହି ଆବେଦନ ।

ଆବେଦନକାରୀଙ୍କ ପାଇଁ ଏ. ଏ. ପୀରଭୟ, ଜିନ୍ଦ୍ରା ଲାଲ ଏବଂ ଆଇ. ଏନ୍. ଶ୍ରଫ୍

ଉତ୍ତରଦାତା ସଂଖ୍ୟା 1ଙ୍କ ପାଇଁ ଭାରତର ଆଟର୍ଣ୍ଣି-ଜେନେରାଲ୍, ଏମ୍. ସି. ସେତଲୱାଡ ଏବଂ ଭାରତର ସଲିସିଟର୍-ଜେନେରାଲ୍ ସି. କେ. ଡାଫତାରୀ (ସେମାନଙ୍କ ସହିତ ପୋରସ୍ ଏ. ମେହେଟ୍ଟା) ।

ଉତ୍ତରଦାତା ସଂଖ୍ୟା 2ଙ୍କ ପାଇଁ ଜେ. ବି. ଦାଦାଚାଞ୍ଜି ଏବଂ ରାଜିନ୍ଦର୍ ନାରାୟଣ ।

1954 ମାର୍ଚ୍ଚ 10 ତାରିଖରେ ନ୍ୟାୟାଳୟଙ୍କର ରାୟ ପ୍ରଦାନ କରାଗଲା ।

ନ୍ୟାୟାଧୀଶ ବୋଷଙ୍କ ଦ୍ୱାରା - ଏହି ମାମଲାରେ ପ୍ରଶ୍ନ ହେଉଛି ଯେ ଭାରତୀୟ ଦଣ୍ଡ ସଂହିତାର ଧାରା- 497 ସମ୍ବିଧାନର ଅନୁଚ୍ଛେଦ- 14 ଏବଂ 15 କୁ ଉଲ୍ଲଙ୍ଘନ କରୁଛି କି?

ଭାରତୀୟ ଦଣ୍ଡସଂହିତାର ଧାରା 497 ଅନୁୟାୟୀ ବ୍ୟଭିଚାର ଅପରାଧ ପାଇଁ ଆବେଦନକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି । ଅଭିଯୋଗ ହେବା ମାତ୍ରେ

*1954*

*ୟୁସୁଫ୍ ଅବଦୁଲ ଅଜିଜ୍ ବନାମ. ବମ୍ବେ ରାଜ୍ୟ ଏବଂ ହୁସେନଭୋୟ ଲାଲଜୀ*

*ନ୍ୟାୟାଧୀଶ ବୋଷ*

ସେ ସମ୍ବିଧାନର ଅନୁଚ୍ଛେଦ- 228 ଅନୁଯାୟୀ ଉପରୋକ୍ତ ସାମ୍ବିଧାନିକ ପ୍ରଶ୍ନକୁ ନିର୍ଦ୍ଧାରଣ କରିବା ପାଇଁ ବମ୍ବେ ଉଚ୍ଚ ନ୍ୟାୟାଳୟରେ ଆବେଦନ କରିଥିଲେ । ଉଚ୍ଚ ନ୍ୟାୟଳୟ ତାଙ୍କ ବିରୋଧରେ ରାୟ ଦେଇଥିଲେ କିନ୍ତୁ ତାଙ୍କୁ ଅନୁଚ୍ଛେଦ- 132 (1) ଓ 134 (1) (c) ଅନୁଯାୟୀ ପ୍ରମାଣପତ୍ର ପ୍ରଦାନ କରିଥିଲେ।

ଧାରା 497 ଅନୁଯାୟୀ ବ୍ୟଭିଚାର ଅପରାଧ କେବଳ ଜଣେ ପୁରୁଷଙ୍କ ଦ୍ୱାରା କରାଯାଇପାରେ କିନ୍ତୁ ଅପରପକ୍ଷରେ କୌଣସି ପ୍ରାବଧାନର ଅନୁପସ୍ଥିତିରେ ମହିଳା ପ୍ରରୋଚକ ଭାବରେ ଦଣ୍ଡନୀୟ ହେବେ। ଧାରା 497ର ଶେଷ ବାକ୍ୟ ଏହାକୁ ନିଷେଧ କରେ । ଯାହା ଏହିପରି -

"ଏପରି କ୍ଷେତ୍ରରେ ପତ୍ନୀ ଜଣେ ପ୍ରରୋଚକ ଭାବରେ ଦଣ୍ଡନୀୟ ହେବେ ନାହିଁ ।" କୁହାଯାଏ ଯେ ଏହା ଅନୁଚ୍ଛେଦ -14 ଏବଂ 15ର ଉଲ୍ଲଙ୍ଘନ କରେ ।

ଅନୁଚ୍ଛେଦ -15ର ଯେଉଁ ଅଂଶ ଉପରେ ଆବେଦନକାରୀ ନିର୍ଭର କରନ୍ତି ତାହା ହେଉଛି :

"ରାଜ୍ୟ କୌଣସି ନାଗରିକଙ୍କ ବିରୋଧରେ କେବଳ........ଲିଙ୍ଗ ଆଧାରରେ ଭେଦଭାବ କରିବେ ନାହିଁ ।"

କିନ୍ତୁ ସେ ଯାହା ଅଣଦେଖା କରନ୍ତି ତାହା ହେଉଛି ଖଣ୍ଡ (3) ର ବିଷୟ ଯାହା ଏହିପରି -

"ଏହି ଅନୁଚ୍ଛେଦରେ ଥିବା କୌଣସି ବିଷୟ ମହିଳାମାନଙ୍କ.........ପାଇଁ କୌଣସି ସ୍ୱତନ୍ତ୍ର ବ୍ୟବସ୍ଥା କରିବାରେ ରାଜ୍ୟକୁ ବାଧା ଦେବ ନାହିଁ ।"

ଅଭିଯୋଗ କରାଯାଇଥିବା ବ୍ୟବସ୍ଥାଟି ଏକ ସ୍ୱତନ୍ତ୍ର ବ୍ୟବସ୍ଥା ଏବଂ ଏହା ମହିଳାମାନଙ୍କ ପାଇଁ କରାଯାଇଛି, ତେଣୁ ଏହା ଖଣ୍ଡ (3) ଦ୍ୱାରା ସଂରକ୍ଷିତ ହୋଇଛି ।

ଖଣ୍ଡ (3) କେବଳ ମହିଳାମାନଙ୍କ ପାଇଁ ହିତକର ବ୍ୟବସ୍ଥା ମଧ୍ୟରେ ସୀମିତ ରହିବା ଉଚିତ ଓ ସେମାନଙ୍କୁ ଅପରାଧ କରିବା ଏବଂ ଅପରାଧ ପାଇଁ ଅନୁମତି ପତ୍ର ଦେବା ପାଇଁ ବ୍ୟବହାର କରାଯାଇପାରିବ ନାହିଁ ବୋଲି ଯୁକ୍ତି କରାଯାଇଥିଲା । ଆମେ ଏହି ଖଣ୍ଡରେ ଏପରି କୌଣସି ପ୍ରତିବନ୍ଧକକୁ ପଢିବାକୁ ଅସମର୍ଥ; କିମ୍ବା ଆମେ ସହମତ ହୋଇପାରିବୁ ନାହିଁ ଯେ ଦଣ୍ଡକୁ ବାରଣ କରୁଥିବା ଏକ ବ୍ୟବସ୍ଥା ଅପରାଧ କରିବାକୁ ଅନୁମତି ପତ୍ର ସହିତ ସମାନ ଅଟେ, ଯାହାର ଦଣ୍ଡକୁ ନିଷେଧ କରାଯାଇଅଛି ।

*1954*

*ୟୁସୁଫ୍ ଅବଦୁଲ ଅଜିଜ୍*
*ବନାମ.*
*ବମ୍ବେ ରାଜ୍ୟ ଏବଂ ହୁସେନଭୋୟ ଲାଲଜୀ*

*ନ୍ୟାୟାଧୀଶ ବୋଷ*

ଅନୁଚ୍ଛେଦ- 14 ସାଧାରଣ ଅଟେ ଏବଂ ଏହାକୁ ଅନ୍ୟାନ୍ୟ ପ୍ରାବଧାନ ସହିତ ପଢିବା ଆବଶ୍ୟକ ଯାହା ମୌଳିକ ଅଧିକାରର ପରିସୀମା ନିର୍ଦ୍ଧାରଣ କରେ । ଲିଙ୍ଗ ଏକ ଉପଯୁକ୍ତ ବର୍ଗୀକରଣ ଅଟେ ଏବଂ ଯଦିଓ ସେହି ଆଧାରରେ ସାଧାରଣରେ କୌଣସି ଭେଦଭାବ କରାଯାଇପାରିବ ନାହିଁ, ସମ୍ବିଧାନ ନିଜେ ମହିଳା ଏବଂ ଶିଶୁମାନଙ୍କ କ୍ଷେତ୍ରରେ ସ୍ୱତନ୍ତ୍ର ବ୍ୟବସ୍ଥା ପ୍ରଦାନ କରନ୍ତି । ସମ୍ବିଧାନର ଏହି ଦୁଇଟି ଅନୁଚ୍ଛେଦକୁ ଏକକାଳୀନ ପଠନ ଭାରତୀୟ ଦଣ୍ଡ ସଂହିତାର ଧାରା - 497 ଆକ୍ଷେପିତ ଖଣ୍ଡକୁ ବୈଧ କରେ ।

ଆବେଦନକାରୀ ଭାରତର ନାଗରିକ ନୁହନ୍ତି । ଏଥିପାଇଁ ସେ ଅନୁଚ୍ଛେଦ- 14 ଓ 15କୁ ଆହ୍ୱାନ କରିପାରିବେ ନାହିଁ ବୋଲି ଯୁକ୍ତି ବାଢିଥିଲେ । କିନ୍ତୁ ଉଚ୍ଚ ନ୍ୟାୟାଳୟ ଅନ୍ୟ ଏକ ଭିନ୍ନ ନିର୍ଣ୍ଣୟ ଦେଲେ । ଅନ୍ୟ ପ୍ରସଙ୍ଗରେ ଆମର ନିଷ୍ପତ୍ତିକୁ ଦୃଷ୍ଟିରେ ରଖି ଆମେ ଏହି ପ୍ରଶ୍ନର ନିଷ୍ପତ୍ତି ନେବା ଜରୁରୀ ନୁହେଁ।

ଏହି ଆବେଦନଟି ଖାରଜ ହୋଇଛି ।

*ଆବେଦନକୁ ଖାରଜ କରାଗଲା ।*

ଉତ୍ତରଦାତାସଂଖ୍ୟା 1ଙ୍କ ପାଇଁ ପ୍ରତିନିଧି : *ଆର୍. ଏଚ୍. ଢେବର ।*

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର :***
ରାମଚନ୍ଦ୍ର ସାହୁ
ଅନୁବାଦକ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।